ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

### *ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଆବେଦନ*

ଏତଦ୍ଵାରା ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ କରୁଥିବା ସଂଖ୍ୟାଲଘୁ (ମୁସଲିମ୍,ଖ୍ରୀଷ୍ଟିୟାନ,ବୌଦ୍ଧ,ଶିଖ ଓ ଜୈନ) ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭାରତ ସରକାରଙ୍କ ସଂଖ୍ୟାଲଘୁ ମନ୍ତ୍ରଣାଳୟ ଦ୍ଵାରା ପ୍ରଦତ୍ତ ପ୍ରାକ୍-ମାଟ୍ରିକ (Pre-Matric),ମାଟ୍ରିକ-ପରବର୍ତ୍ତୀ (Post-Matric) ଓ ମେଧା-ତଥା-ସମ୍ବଳଭିତ୍ତିକ (Merit-cum-Means) ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଚଳିତ ଶିକ୍ଷା ବର୍ଷ ୨୦୨୦-୨୧ ନିମନ୍ତେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କଠାରୁ ଅନ୍-ଲାଇନ୍ ଦରଖାସ୍ତ/ଆବେଦନ ପତ୍ର ଭାରତ ସରକାରଙ୍କ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ (National Scholarship Portal) ଯଥା:- www.scholarships.gov.in ଓ Mobile App - National Scholarships (NSP) ମାଧ୍ୟମରେ ୧୬.୦୮.୨୦୨୦ ରୁ କେବଳ ଅନ୍-ଲାଇନ୍ ପ୍ରକ୍ରିୟାରେ ଗ୍ରହଣ କରାଯାଉଅଛି ।

ଜାତୀୟ ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ, ଛାତ୍ରଛାତ୍ରୀମାନେ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲରେ ନିଜର ନାମ ପଞ୍ଜୀକରଣ ଓ ଦାଖଲ କରାଇବେ । ଉପରୋକ୍ତ ଛାତ୍ରବୃତ୍ତିଗୁଡିକର ଅନ୍-ଲାଇନ୍ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୩୧.୧୦.୨୦୨୦ କୁ ଧାର୍ଯ୍ୟ କରାଯାଇଅଛି।

**ଛାତ୍ରବୃତ୍ତି ପାଇବା ପାଇଁ ଆବଶ୍ୟକ ଯୋଗ୍ୟତା :-**

କ) ସେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

ଖ ) ସମସ୍ତ ଉତ୍ସରୁ ତାଙ୍କ ପରିବାରର ବାର୍ଷିକ ଆୟ, ପ୍ରାକ୍-ମାଟ୍ରିକ,ମାଟ୍ରିକ-ପରବର୍ତ୍ତୀ ଓ ମେଧା-ତଥା-ସମ୍ବଳଭିତ୍ତିକ ଛାତ୍ରବୃତ୍ତି ପାଇଁ ଯଥାକ୍ରମେ ଏକ ଲକ୍ଷ, ଦୁଇ ଲକ୍ଷ ଓ ଦୁଇ ଲକ୍ଷ ପଚାଶ ହଜାରରୁ ଅଧିକ ହୋଇନଥିବ ।

ଗ) ପୂର୍ବ ବାର୍ଷିକ ପରୀକ୍ଷାରେ ଅତି କମରେ ଶତକଡା ୫୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।

ଘ) ଗୋଟିଆ ପରିବାରରୁ ସର୍ବାଧିକ ଦୁଇଜଣ ହିତାଧିକାରୀ ଉକ୍ତ ଛାତ୍ରବୃତ୍ତି ଗୁଡିକରେ ସୁବିଧା ପାଇପାରିବେ।

**ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁଦେଶ :-**

- National Scholarship Portal ରେ ଦିଆଯାଇଥିବା ମାର୍ଗଦର୍ଶିକା (guideline) କୁ ଅନୁଧ୍ୟାନ କରି ଆବଶ୍ୟକୀୟ ତଥ୍ୟ ଦରଖାସ୍ତରେ ଉଲ୍ଲେଖ କରିବେ ।
- ଆବେଦନକାରୀମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି NSP ପୋର୍ଟାଲର ନିର୍ଦ୍ଧାରିତ box ରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ ।
- ଯେହେତୁ ଭାରତ ସରକାର ଆଧାର ନମ୍ବର ସଂଯୋଗୀକରଣକୁ ଛାତ୍ର ବୃତ୍ତି ପ୍ରଦାନ ନିମନ୍ତେ ପ୍ରାଧାନ୍ୟ ଦେଉଛନ୍ତି, ତେଣୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆଧାର ନମ୍ବର ପ୍ରଦାନ କରିବା ନିତ୍ୟାନ୍ତ ଆବଶ୍ୟକ । ଯେଉଁମାନଙ୍କର ଆଧାର ନମ୍ବର ନାହିଁ, ସେମାନେ ଯଥାଶୀଘ୍ର ଆଧାର ପାଇଁ ପଞ୍ଜୀକରଣ କରି ପଞ୍ଜୀକରଣ ନମ୍ବର / ଆଧାର ନମ୍ବର ଦ୍ଵାରା ଅନ୍-ଲାଇନ୍ ପୋର୍ଟାଲରେ ଆବେଦନ କରିବେ।
- ଛାତ୍ରଛାତ୍ରୀମାନେ online ଦରଖାସ୍ତ ଆବେଦନ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା e-Mail id–dirobc@gmail.com କିମ୍ବା ଟୋଲ ଫ୍ରୀ ନମ୍ବର-1800-11-2001 ରେ ଯୋଗାଯୋଗ କରିପାରିବେ। ଏହାବ୍ୟତୀତ, କୌଣସି ସ୍ପଷ୍ଟିକରଣ ନିମନ୍ତେ Mobile No. 9438387487 କୁ ଯୋଗାଯୋଗ କରିପାରିବେ।

**ବିଶ୍ଵବିଦ୍ୟାଳୟ/ମହାବିଦ୍ୟାଳୟ/ବିଦ୍ୟାଳୟ /ଅନୁଷ୍ଠାନ ପାଇଁ ଅନୁଦେଶ :-**

ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନେ ପଢୁଥିବା ସମସ୍ତ ବିଶ୍ଵବିଦ୍ୟାଳୟ/ମହାବିଦ୍ୟାଳୟ/ବିଦ୍ୟାଳୟ /ଅନୁଷ୍ଠାନ ମାନଙ୍କୁ ଜଣାଇ ଦିଆଯାଉଛି କି, ଯଦି ସେମାନେ NSP ପୋର୍ଟାଲରେ ପଞ୍ଜୀକରଣ କରାଇନାହାନ୍ତି, ତେବେ ଯଥାଶୀଘ୍ର ପଞ୍ଜୀକରଣ କରି KYC ପ୍ରାମାଣିକରଣ କରାଇନିଅନ୍ତୁ।

*ଅଧିକ ଜାଣିବା ପାଇଁ www.minorityaffairs.gov.in /www.scholarships.gov.in ରେ ପରିଦର୍ଶନ କରନ୍ତୁ।*

ନିର୍ଦ୍ଦେଶକ, ଅନ୍ୟାନ୍ୟ ପଛୁଆବର୍ଗ